**ଶପିଂ ମଲ୍‌ରେ ଯୁବତୀଙ୍କୁ ଅସଦାଚରଣ**

ଭୁବନେଶ୍ୱର,(ବ୍ୟୁରୋ) : ରସୁଲଗଡ଼ସ୍ଥିତ ଏକ ଶପିଂ ମଲ୍‌ରେ ସୋମବାର ରାତିରେ ଜଣେ ଯୁବତୀଙ୍କୁ ଜଣେ ଯୁବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକଙ୍କୁ ମଙ୍ଗଳବାର ସହିଦନଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦୁଝରର ବୁବୁନ ଓରଫ ବିକ୍ରମ କେଶରୀ ସାମଲ(୨୬)। ବିକ୍ରମ ସର୍ବସମ୍ମୁଖରେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଯୁବତୀଜଣଙ୍କ ବିରୋଧ କରିବାରୁ ବିକ୍ରମ ପାଖରେ ରଖିଥିବା ଲାଇଟରରେ ତାଙ୍କ ଡ୍ରେସ୍‌ରେ ନିଆଁ ଲଗାଇଦେବାକୁ ଚେଷ୍ଟା କରିଥିଲେ। ଏମିତି କି ତାଙ୍କୁ ଗାଳି କରିଥିଲେ। ପୋଲିସ ପହଞ୍ଚି ତାଙ୍କୁ କାବୁ କରିବା ସହ ଏ ନେଇ କେସ୍ ନ. ୨୦/୨୧ ରୁଜୁ କରିଛି।



## ସଂକ୍ଷେପରେ

### କିଡ୍‌ନୀ ଦେବା ଆଳରେ ୫ଲକ୍ଷ ଟଙ୍କା ଠକେଇ: ଜଣେ ଗିରଫ

**ଭୁବନେଶ୍ୱର,୧୨।୧(ବ୍ୟୁରୋ):** କିଡ୍‌ନୀ ଦେବାକୁ କହି ଜଣେ ବରିଷ୍ଠ ନାଗରିକଙ୍କଠାରୁ ୫ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ମଙ୍ଗଳବାର ନୂଆପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ହିମାଂଶୁ ଭୂଷଣ ନନ୍ଦ। ହିମାଂଶୁ ଦୁଇ ବର୍ଷ ହେବ ଫେରାର ଥିଲେ। ସୂଚନା ଅନୁଯାୟୀ, ନୟାପଲ୍ଲୀ ଏନ୍-୩ ବାସିନ୍ଦା ପ୍ରତାପ ଚନ୍ଦ୍ର ମିଶ୍ର(୬୪)ଙ୍କ ଦୁଇଟି କିଡନୀ ଖରାପ ହୋଇଯାଇଥିବାରୁ ପରିବାର ଲୋକେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ପର୍କ କରିଥିଲେ। ୨୦୧୯ରେ ହିମାଂଶୁ କିଡନୀ କରାଇ ଦେବାକୁ କହି ପ୍ରତାପଙ୍କ ନିକଟରୁ ୫ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ହିମାଂଶୁ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ ପ୍ରତାପ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ।

### କମ୍ପାନୀର ୨୭ଲକ୍ଷ ଆତ୍ମସାତ୍ କରି କର୍ମଚାରୀ ଗିରଫ

**ଭୁବନେଶ୍ୱର,୧୨।୧(ବ୍ୟୁରୋ):** ମେଡିକାଲ୍ ଉପକରଣ ପ୍ରସ୍ତୁତ କରୁଥିବା ଏକ କମ୍ପାନୀର ୨୭ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗରେ ଶହୀଦ ନଗର ଥାନା ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯୁବକ ଜଣଙ୍କ ଉକ୍ତ କମ୍ପାନୀରେ ସେଲ୍ସ ଏକ୍‌ଜିକ୍ୟୁଟିଭ୍ ଭାବେ କାର୍ଯ୍ୟ କରୁଥିଲେ। ଗିରଫ ଅଭିଯୁକ୍ତ ହେଲେ ଜଗତସିଂପୁର ଏରସମା ଅଞ୍ଚଳର ସୌମ୍ୟରଞ୍ଜନ ମହାନ୍ତି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୨୦ଲକ୍ଷ ଟଙ୍କା ଜବତ କରିଥିବା ବେଳେ ବାକି ୭ ଲକ୍ଷ ଟଙ୍କା ମିଳିପାରି ନାହିଁ।

ସୂଚନାଯୋଗ୍ୟ, ସୌମ୍ୟରଞ୍ଜନ ମେଡିକା ବଜାର ନାମକ ଏକ କମ୍ପାନୀରେ ସେଲ୍ସ ଏକ୍‌ଜିକ୍ୟୁଟିଭ୍ ଭାବେ ଚାକିରି କରିଥିଲେ। କଟକ, ବାଲେଶ୍ୱର ଓ ଭୁବନେଶ୍ୱରର ବିଭିନ୍ନ ମେଡିସିନ୍ ଷ୍ଟୋର, ମେଡିକାଲ୍ ଓ କ୍ଲିନିକ୍‌ର ବରାଦ ଅନୁସାରେ କମ୍ପାନୀରୁ ଉପକରଣ କିଣି ସେମାନଙ୍କ ନିକଟରେ ପହଞ୍ଚାଇବା ସହ ସେ ବାବଦ ଟଙ୍କା ଆଦାୟ କରିବା ତାଙ୍କ ଦାୟିତ୍ୱ ଥିଲା। ତେବେ କିଛିଦିନ ତଳେ ସୌମ୍ୟରଞ୍ଜନ ଉକ୍ତ କମ୍ପାନୀରୁ ୨୭ଲକ୍ଷ ଟଙ୍କାର ଉପକରଣ ନେଇଥିବା ବେଳେ ମାତ୍ର ୯୫ ହଜାର ଟଙ୍କା କମ୍ପାନୀକୁ ପ୍ରଦାନ କରିଥିଲେ। କମ୍ପାନୀ ପକ୍ଷରୁ ବାକି ଟଙ୍କା ମଗାଯାଇଥିଲେ ମଧ୍ୟ ସେ ଟଙ୍କା ନ ଦେଇ ଲୁଚି ବୁଲୁଥିଲେ। ଏ ନେଇ କମ୍ପାନୀ ପକ୍ଷରୁ ସହୀଦ ନଗର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା କରିଥିଲା। ଅଭିଯୁକ୍ତ ସମସ୍ତ ଟଙ୍କା ଆତ୍ମସାତ୍ କରିଥିବା ପୋଲିସ ଆଗରେ ମାନିଥିଲେ। ତେବେ ସେ ୨୦ ଲକ୍ଷ ଟଙ୍କା ଫେରାଇଥିବା ବେଳେ ବାକି ଅର୍ଥ ଖର୍ଚ୍ଚ କରିଦେଇଥିବା ପୋଲିସ ସୂଚନା ଦେଇଛି।

### କ୍ଲୋନ୍ ଚେକ୍ ଦେଇ ଠକେଇ ଘଟଣା: ୩ ଗିରଫ

**ଭୁବନେଶ୍ୱର,୧୨।୧(ବ୍ୟୁରୋ):** ଏକ ସଂସ୍ଥାର କ୍ଲୋନ୍ ଚେକ୍ ମାଧମରେ ୨କୋଟି ୮୭ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମଙ୍ଗଳବାର ଆଉ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଉରକେଲାର ଅମିତ କୁମାର ଗୁପ୍ତା ଓ ସୁନୀଲ କୁମାର ମହନ୍ତ ଏବଂ ବଡବିଲର ଅରୁଣ କୁମାର ବାରିକ। ଇଓଡବ୍ଲ୍ୟୁ ଏହି ଘଟଣାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ରାଉରକେଲାର ବି. ମୂର୍ତ୍ତି ପିଲାଇଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଅମିତ, ସୁନୀଲ ଏବଂ ଅରୁଣ କୌଶଳକ୍ରମେ ଉକ୍ତ ସଂସ୍ଥାର ଏକ କ୍ଲୋନ୍ ଚେକ୍ ହାତେଇଥିଲେ। ପରେ ବି. ମୂର୍ତ୍ତି ଏହି ଚେକ୍‌କୁ ରାଉରକେଲା ବ୍ୟାଙ୍କ ଅଫ ଇଣ୍ଡିଆରେ ଡିପୋଜିଟ୍ କରି ନିଜ ଆକାଉଣ୍ଟକୁ ସମସ୍ତ ଟଙ୍କା ଟ୍ରାନ୍ସଫର କରିନେଇଥିଲେ। ଏନେଇ ବ୍ୟାଙ୍କର ମୁଖ୍ୟ ମ୍ୟାନେଜର ଅଞ୍ଜଳି କୁମାର ସିଂ ଆଜାଦ୍‌ଙ୍କ ଅଭିଯୋଗ କ୍ରମେ ଇଓଡବ୍ଲ୍ୟୁ କେସ୍ ନ.୧/୨୧ ରୁଜୁ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ପାନପୋଷ ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଛି। ଠକେଇରେ ବ୍ୟାଙ୍କ ଅଫ୍ ଇଣ୍ଡିଆର କେତେକ ଅଫିସରଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଥିବାବେଳେ ଇଓଡବ୍ଲ୍ୟୁ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ରାଜଧାନୀରେ ନକଲି ଘିଅ କାରଖାନା ଠାବ

- ଖାଦ୍ୟ ସାଜିଛି ଖାଦକ
- ମାଲିକ ଅଟକ, ବିପୁଳ ସାମଗ୍ରୀ ଜବତ

**ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର, ୧୨।୧(ଡି.ଏନ୍.ଏ.):**

ଭେଜାଲ ଖାଦ୍ୟ ସାମଗ୍ରୀ କାରଖାନା ଏବେ ସାରା ରାଜ୍ୟରେ କାୟା ବିସ୍ତାର କରିଚାଲିଛି। କେଉଁଠି ନକଲି ମସଲା ତ ଆଉ କେଉଁଠି ନକଲି ତେଲ କାରଖାନା ଠାବ କରାଯାଉଛି। ରାଜ୍ୟବାସୀ ଏବେ ଖାଦ୍ୟ ନାଁରେ ଜହର ଖାଇଚାଲିଛନ୍ତି। କିଛି ଅର୍ଥ ଲୋଭରେ କେତେଜଣ ଅସାମାଜିକ ବ୍ୟକ୍ତି ଲକ୍ଷ ଲକ୍ଷ ଲୋକଙ୍କୁ ମରଣ ମୁହଁକୁ ଠେଲି ଦେଉଛନ୍ତି। ରାସାୟନିକ ଦ୍ରବ୍ୟ ମିଶାଇ ପ୍ରସ୍ତୁତ କରାଯାଉଥିବା ଏହି ବିଷାକ୍ତ ଖାଦ୍ୟ ଖାଇବା ଦ୍ୱାରା ମଣିଷ ଅକାଳରେ ନିଜ ମରଣକୁ ଡାକିଆଣୁଛି। ଆମେ ଖାଉଥିବା ଖାଦ୍ୟ ହିଁ ଆମର ଖାଦକ ସାଜିଛି। କଟକ ପରେ ମଙ୍ଗଳବାର ଭୁବନେଶ୍ୱରସ୍ଥ ଏୟାରଫିଲ୍ଡ ଥାନା ଅଧୀନ ସୁନ୍ଦରପଦା ତ୍ରିଲୋଚନ ବିହାରରେ ଏକ ନକଲି ଘିଅ କାରଖାନା ଠାବ କରାଯାଇଛି। କାରଖାନା ମାଲିକ ଅଭିମନ୍ୟୁ ପୃଷ୍ଟିଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। କାରଖାନାରୁ ବିପୁଳ ପରିମାଣର ନକଲି ଘିଅ, କେମିକାଲ୍, କଞ୍ଚାମାଲ ଓ ଯନ୍ତ୍ରପାତି ଜବତ କରାଯାଇଛି।


ଜବତ ହୋଇଥିବା ନକଲି ଘିଅ ।

ଅଭିମନ୍ୟୁଙ୍କର ଏକ ତିନିମହଲା ଘରେ ଏହି ନକଲି ଘିଅ କାରଖାନା ଦୀର୍ଘଦିନ ଧରି ଚାଲିଥିଲା। କୌଣସି ସୂତ୍ରରୁ ଏହି ସୂଚନା ପାଇ ଏୟାରଫିଲ୍ଡ ଥାନା ପୋଲିସ ଓ କୁଇକ୍ ଆକ୍ସନ୍ ଟିମ୍ (କ୍ୟୁଏଟି) ମିଳିତ ଭାବେ ମଙ୍ଗଳବାର ଉକ୍ତ କାରଖାନାରେ ଚଢାଉ କରିଥିଲେ। ପାମୋଲିନ୍ ତେଲ, ବିଭିନ୍ନ ରାସାୟନିକ ଦ୍ରବ୍ୟ, ରାସାୟନିକ ରଙ୍ଗ, ବନସ୍ପତି ଓ ବାସ୍ନା ପାଇଁ ଅତର ମିଶାଯାଇ ନକଲି ଘିଅ ପ୍ରସ୍ତୁତ କରାଯାଉଥିଲା। ପ୍ୟାକେଟ୍‌ରେ ବଡ଼ ବଡ଼ ବ୍ରାଣ୍ଡର ଲୋଗୋ ଲଗାଯାଇ ଏହି ନକଲି ଘିଅ ବଜାରକୁ ପଠାଯାଉଥିଲା। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କେସ୍ ନ. ୧୮/୨୧ରେ ଆଇପିସି ଧାରା ୪୨୦/୪୬୮/୨୭୨/୨୭୩, ୭୮/୭୯ ଟ୍ରେଡ ଆଣ୍ଡ ମର୍ଚ୍ଚାଣ୍ଡାଇଜ୍ ଆକ୍ଟ ୧୯୫୮, ୧୦୧/୧୦୨/୧୦୩/୧୦୪ ଟ୍ରେଡ୍ ମାର୍କ ୧୯୯୯ରେ ମାମଲା ରୁଜୁ କରିଛି। ପ୍ୟାକ୍ ଉପରେ ପ୍ରସ୍ତୁତ ତାରିଖ, ବ୍ୟାଚ୍, ଓଜନ କିଛି ଉଲ୍ଲେଖ ନ ଥିଲା। ଖାଦ୍ୟ ଓ ସୁରକ୍ଷା ବିଭାଗ ପକ୍ଷରୁ ଘିଅ ନମୁନା ସଂଗ୍ରହ କରାଯାଇଥିବାବେଳେ ଏହା ଖାଦ୍ୟ ଉପଯୋଗୀ ନୁହେଁ ବୋଲି କୁହାଯାଇଛି। ଅଧିକ ପରୀକ୍ଷା ପାଇଁ ରାଜ୍ୟ ଖାଦ୍ୟ ନିରାପତ୍ତା ଲାବ୍‌କୁ ନମୁନା ପଠାଯାଇଛି।



ଓଡ଼ିଶା ବିଦ୍ୟୁତ କର୍ମଚାରୀ ଫେଡେରେଶନ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିରେ ମଙ୍ଗଳବାର ଭୁବନେଶ୍ୱର ଟିପିସିଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ମକରମେଳାକୁ ନେଇ ଦ୍ୱନ୍ଦ୍ୱ

**କଟକ ସଦର,୧୨।୧(ଡି.ଏନ.ଏ.):**

କଟକ ସଦର ବ୍ଲକ ଅଧୀନ ପରମହଂସନାଥ ଦେବଙ୍କ ପୀଠରେ ଚଳିତବର୍ଷ ମକରମେଳାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। କାରଣ ଏହି ମେଳା ଏଥର ହେବ କି ନାହିଁ ସେ ସମ୍ପର୍କିତ ସୂଚନା ମନ୍ଦିର ପ୍ରଶାସନ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରିନାହିଁ। ମନ୍ଦିର ପରିଚାଳନା କମିଟି ମୁଖ୍ୟ ଟ୍ରଷ୍ଟି ତଥା ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ପଚାରିବାରୁ ଜିଲାପାଳଙ୍କ ସହ ଏ ନେଇ ଆଲୋଚନା କରିବେ ବୋଲି କହିଥିଲେ। କନ୍ଦରପୁର ଥାନାଧିକାରୀ ସତ୍ୟଜିତ୍ ଦାସ କହିଛନ୍ତି, ପ୍ରଶାସନର ନିର୍ଦ୍ଦେଶନାମା ମୋର ହସ୍ତଗତ ହୋଇନାହିଁ।

# ଭୁବନେଶ୍ୱର ଏମ୍ସକୁ ପ୍ରଥମ କାୟାକଳ୍ପ ପୁରସ୍କାର

**ଭୁବନେଶ୍ୱର, ୧୨।୧(ବ୍ୟୁରୋ):**

ଭୁବନେଶ୍ୱରସ୍ଥିତ ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ) କେବଳ ଦେଶର ସର୍ବୋତ୍ତମ ଚିକିତ୍ସା ପ୍ରତିଷ୍ଠାନ ନୁହେଁ, ସ୍ୱଚ୍ଛତା ଓ ରୋଗୀ ପାଇଁ ନିରାପଦ ପରିବେଶ ଯୋଗାଇବାରେ ମଧ୍ୟ ନିଜକୁ ପ୍ରମାଣିତ କରିପାରିଛି। ଏମ୍ସକୁ ସ୍ୱଚ୍ଛତା ପାଇଁ ପ୍ରଥମ କାୟାକଳ୍ପ ପୁରସ୍କାର ମିଳିଛି। ୨୦୧୯-୨୦ ବର୍ଷ ପାଇଁ କାୟାକଳ୍ପର ବର୍ଗ-'ବି'ରେ ଏହି ପୁରସ୍କାର ମିଳିଛି। ପୁରସ୍କାର ବାବଦରେ ୨କୋଟି ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ମଙ୍ଗଳବାର ନୂଆଦିଲ୍ଲୀଠାରେ ଭର୍ଚୁଆଲ୍ ମୋଡ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷବର୍ଦ୍ଧନ ଭୁବନେଶ୍ୱର ଏମ୍ସକୁ ପ୍ରଥମ କାୟାକଳ୍ପ ପୁରସ୍କାର ପ୍ରଦାନ କରିଛନ୍ତି। ହସ୍ପିଟାଲ୍‌ରେ ରକ୍ଷଣାବେକ୍ଷଣ, ପରିମଳ ଓ ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସହାୟତା ସେବା ଏବଂ ସ୍ୱଚ୍ଛତା ପ୍ରୋତ୍ସାହନ ଆଦି କ୍ଷେତ୍ରରେ ମୂଲ୍ୟାଙ୍କନ କରାଯାଇ ଏହି କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଥାଏ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ଏମ୍ସ ଗତ ତିନିବର୍ଷ ହେବ କାୟାକଳ୍ପ ପୁରସ୍କାର ପାଇବାରେ ସକ୍ଷମ ହୋଇପାରିଛି। ୨୦୧୭-୧୮ ଓ ୨୦୧୮-୧୯ରେ ବର୍ଗ-ବିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ୨୦୧୯-୨୦ରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଏକ କୋଟି ଟଙ୍କା ଅର୍ଥରାଶି ପାଇଛି। ଏଥିପାଇଁ ଏମ୍ସ ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ବାଟମେନବେନ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ସଚ୍ଚିଦାନନ୍ଦ ମହାନ୍ତି, ଡିଡିଏ ପି. କେ. ରାୟଙ୍କ ନେତୃତ୍ୱରେ ଏକ ବହୁମୁଖୀ ଦଳ ଗଠନ କରାଯାଇଥିଲା। ଯୁଗ୍ମ ମେଡିକାଲ ଅଧିକାରୀ ତଥା ହସ୍ପିଟାଲ ପ୍ରଶାସନର ଏଚ୍‌ଓଡି ଡା. ଜବାହାର ଏସ୍. କେ. ପିଲ୍ଲାଇ ଏହି କାୟାକଳ୍ପ ପାଇଁ ଭୁବନେଶ୍ୱର ଏମ୍ସର ନୋଡାଲ ଅଧିକାରୀ ଦାୟିତ୍ୱରେ ରହିଥିଲେ।

## ରେଡ୍‌କ୍ରସ୍ ପକ୍ଷରୁ ଜାତୀୟ ଯୁବ ଦିବସ

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ଅବସରରେ ମଙ୍ଗଳବାର ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଜାତୀୟ ଯୁବ ଦିବସ ପାଳନ କରାଯାଇଛି। ରେଡ଼କ୍ରସ୍ ଭବନ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସଭାରେ ପ୍ରାକ୍ତନ ମହିଳା କମିଶନ ସଦସ୍ୟା ନମ୍ରତା ଚଢା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନର ଯୁବସମାଜ ନିକଟରେ ଇଛା ଓ ଆଗ୍ରହ ଥିବା ସତ୍ତ୍ୱେ ଠିକ ଦିଗ୍‌ଦର୍ଶନ ମିଳୁନାହିଁ। ସେଥିପାଇଁ ସେମାନେ ଦିଗହରା ହେଉଥିବା ଚଢା କହିଥିଲେ। ଏବେ ଅପରାଧ ତୁଳନାରେ ସାଇବର ଅପରାଧ ବଢୁଛି। ପାଖରେ ସ୍ମାର୍ଟ ଫୋନ ଥିବାରୁ ତାହାର ଦୁରୂପଯୋଗ କରୁଛନ୍ତି। ଏନେଇ ଯୁବ ସମାଜକୁ ସଚେତନ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭାରତୀୟ ରେଡ଼କ୍ରସ୍ ଓଡିଶା ରାଜ୍ୟ ଶାଖାର କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ସାମାଜିକ କର୍ମୀ ରୁଷି ପଟ୍ଟନାୟକ ବିବେକାନନ୍ଦଙ୍କ ଆଦର୍ଶ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଲାୟନ୍ସ କ୍ଲବ ଲୋଟସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର

**ଭୁବନେଶ୍ୱର,୧୨।୧**

ଲାୟନ୍ସ କ୍ଲବ ଭୁବନେଶ୍ୱର ଲୋଟସ ଓ ଆପୋଲୋ ହସ୍ପିଟାଲର ମିଳିତ ସହଯୋଗରେ ଗତ ରବିବାର ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଅଙ୍ଗାରପଡ଼ା ଗ୍ରାମର ମିନିଚିନି ପାଟଣାଠାରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଡାକ୍ତର ଧରଣୀଧର ପାଣ୍ଡବ ଓ ଡାକ୍ତର ବିଶ୍ୱନାଥ ପଟ୍ଟନାୟକ ପରିଚାଳନା କରିଥିଲେ। ଶିବିରରେ ପ୍ରାୟ ୫ଟି ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେହିଭଳି ଉକ୍ତ ଅଞ୍ଚଳର ସରପଞ୍ଚ ଅମିୟ ରଞ୍ଜନ ସ୍ୱାଇଁ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହି ଶିବିର ସଫଳ ହୋଇଥିଲା। କ୍ଲବର ସଭାପତି ଲାୟନ ସ୍ୱର୍ଣ୍ଣପ୍ରଭା ପାତ୍ର କହିଥିଲେ, କ୍ଲବ ଖାଲି ସଦସ୍ୟଙ୍କ ପାଇଁ କାର୍ଯ୍ୟ କରେ ନାହିଁ, ଏହା ମଧ୍ୟ ସମାଜର ସାମାଜିକ କାର୍ଯ୍ୟ କରିବାରେ କ୍ଲବ ସଦାସର୍ବଦା ଆଗଭର ହୋଇଥାଏ। ସ୍ୱାସ୍ଥ୍ୟସେବା ଶିବିରରେ ସ୍ଥାନୀୟ ଗ୍ରାମବାସୀଙ୍କୁ ମଧ୍ୟ କମ୍ବଳ, ମାସ୍କ, ସାନିଟାଇଜର ଓ ଖାଦ୍ୟ ପୁଡିଆ ଆଦି ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ପୂର୍ବତନ ଗଭର୍ନର ଅମିତା ଜେନାଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହିଥିଲେ।



# ବଜେଟରେ ଜନଜାତି ସ୍ୱାସ୍ଥ୍ୟ, କୃଷିକୁ ଗୁରୁତ୍ୱ ଦିଆଯାଉ

- ସିୱାଇଏସ୍‌ଡି ପକ୍ଷରୁ ପ୍ରାକ୍ ବଜେଟ ୱେବିନାର
- ସାମାଜିକ କ୍ଷେତ୍ରରେ ୫୦% ଖର୍ଚ୍ଚ ପାଇଁ ପ୍ରସ୍ତାବ

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

କରୋନା କାଳରେ ସମଗ୍ର ବିଶ୍ୱରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ, ଜୀବିକା ଓ ଅର୍ଥନୀତି ପ୍ରଭାବିତ ହୋଇଛି। ତେବେ ସବୁଠାରୁ ଅଧିକ ଆଦିବାସୀ ଓ ପ୍ରବାସୀ ଶ୍ରମିକମାନେ ହନ୍ତସନ୍ତ ହୋଇଛନ୍ତି। ଜନଜାତିଙ୍କ ସ୍ୱାସ୍ଥ୍ୟ ଏବେ ବି ଚିନ୍ତାର ବିଷୟ ହୋଇରହିଛି। ସେମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ଓ ଜୀବିକା ସାଙ୍ଗକୁ ସାମାଜିକ ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ବଜେଟରେ ବ୍ୟୟ ବରାଦ କରିବା ଆବଶ୍ୟକ ବୋଲି ଯୁବ ଓ ସାମାଜିକ ବିକାଶ କେନ୍ଦ୍ର (ସିୱାଇଏସ୍‌ଡ) ଏବଂ ଓଡ଼ିଶା ବଜେଟ ଆକାଉଣ୍ଟିବିଲିଟି ସେଣ୍ଟର(ଓବାକ) ପକ୍ଷରୁ ମଙ୍ଗଳବାର ଆୟୋଜିତ ୱେବିନାରରେ ମତପ୍ରକାଶ ପାଇଛି।

ସମ୍ପ୍ରତି ପ୍ରାକୃତିକ କୃଷି କୌଶଳକୁ ବ୍ୟାପକ କରାଯିବା ସହ ମୋଟ ରାଜ୍ୟ ବଜେଟର ୫୦ ପ୍ରତିଶତ ଅର୍ଥ ସାମାଜିକ କ୍ଷେତ୍ରଗୁଡ଼ିକରେ ଆବଣ୍ଟନ ହେବାର ଆବଶ୍ୟକ ରହିଛି। କରୋନା ଏକାଧିକ ସମସ୍ୟା ସୃଷ୍ଟି କରିଛି। ଏହାର କ୍ଷତ ଭରଣା ପାଇଁ ସରକାର ବଜେଟ ପରିମାଣକୁ ବଢ଼ାଇବାର ଆବଶ୍ୟକତା ରହଥିବା ଆଲୋଚକମାନେ ପରାମର୍ଶ ଦେଇଥିଲେ। ଜନସ୍ୱାସ୍ଥ୍ୟ ବାବଦରେ ଓଡ଼ିଶା ମାତ୍ର ୫.୧୩ ପ୍ରତିଶତ ଖର୍ଚ୍ଚ କରୁଛି। ଏହା ୮ ପ୍ରତିଶତ କରାଯିବା ନେଇ ମତପୋଷଣ କରାଯାଇଥିଲା। ରାଜ୍ୟ ସରକାର ଏକାଧିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ ସମସ୍ତ ଯୋଜନାକୁ ମିଶାଇ ଗୋଟିଏ ଯୋଜନା କରିପାରିଲେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନିର୍ବାହ କରାଯାଇପାରିବ। ପରିବାରଗୁଡ଼ିକୁ ପାଇପ ଜଳ ଯୋଗାଣ ପାଇଁ ବସୁଧା ଜଳ ଜୀବନ ମିଶନ ଭଳି କାର୍ଯ୍ୟକ୍ରମ ରହିଛି। କିନ୍ତୁ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏସବୁ ଅଞ୍ଚଳରେ ଜଳାଶୟ ଚିହ୍ନଟ, ବିକାଶ ଓ ପାଇପ ସଂଯୋଗ କରାଯିବା ପାଇଁ ଆର୍ଥିକ ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ରାଜ୍ୟ ସରକାର ବରଗଡ଼, ବଲାଙ୍ଗିର ଓ କଳାହାଣ୍ଡିର ୨୦ଟି ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏ ମାଧ୍ୟମରେ ଦୈନିକ ମଜୁରି ୨୮୨.୩୦ ଟଙ୍କା ପ୍ରଦାନ କରୁଛନ୍ତି। ଏହା ସମଗ୍ର ଓଡ଼ିଶାରେ କାର୍ଯ୍ୟକାରୀ କରିବା ଉଚିତ। ସାମାଜିକ ସୁରକ୍ଷା ଯୋଜନାରେ ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଡ଼ାଯାଇ ନାହିଁ। ଅନେକ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବାଦ ପଡ଼ିଛନ୍ତି। ସେମାନଙ୍କୁ ଚିହ୍ନଟ କରାଯିବା ସହିତ ସହାୟତା ଯୋଗାଇ ଦେବାର ଆବଶ୍ୟକ ରହିଛି। ଏହାସହ ମଧ୍ୟାହ୍ନ ଭୋଜନର ମାନ ବୃଦ୍ଧି, ପ୍ରାକ୍ ଶୈଶବ ଶିକ୍ଷାକୁ ଗୁରୁତ୍ୱ, ସାରା ରାଜ୍ୟର ଶିକ୍ଷକମାନଙ୍କୁ ତାଲିମ, କୃଷି ଗବେଷଣା ସଂସ୍ଥାରେ ଖାଲିଥିବା ପଦବୀ ପୂରଣ, ଡିଜିଟାଲ ପ୍ଲାଟଫର୍ମର ସୁଦୃଢ଼ୀକରଣ, ପ୍ରତ୍ୟେକ ଜିଲା ଓ ପଞ୍ଚାୟତ ସ୍ତରରେ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଗଠନ ପାଇଁ ବଜେଟରେ ପ୍ରାବଧାନ ରଖିବାକୁ ପରାମର୍ଶ ଦିଆଯାଇଛି। ସିୱାଇଏସଡିର ପ୍ରତିଷ୍ଠାତା ସଦସ୍ୟ ଜଗଦାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ୱେବିନାରରେ ସଂଯୋଜକ ବସନ୍ତ କୁମାର ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ୱାସନର ଏ. ରବୀନ୍ଦ୍ର, ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଆଶ୍ୱିନେଟ, ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ନନ୍ଦ, ପ୍ରଭାତ କୁମାର ମିଶ୍ର, ଡ. ସତ୍ୟପ୍ରିୟ ରଥ, ନବନୀତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସଞ୍ଜୟ


@ ଶମ୍ଭୁ


@ ଗଙ୍ଗା ପାଲ୍


@ ବିରଞ୍ଚି


@ ଆଲୋକ


@ ସଞ୍ଚିତ


@ ସଂଘମିତ୍ରା


@ ରାଜକିଶୋର

**କ୍ରିକେଟ: ମଳିପଡ଼ା ବିଜୟୀ**

ନିରାକାରପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ରାମେଶ୍ୱର ଖେଳ ପଡିଆରେ ନେତାଜୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଫଟାଫଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ନିରାକାରପୁରର ୟଙ୍ଗ ଷ୍ଟାରକୁ ୬ ଉଇକେଟରେ ହରାଇ ମଳିପଡ଼ା କ୍ରିକେଟ କ୍ଲବ ବିଜୟୀ ହୋଇଛଇ। ନିରାକାରପୁର ଟିମ୍ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ରନ ସଂଗ୍ରହ କରିଥିଲା। ଜବାବରେ ମଳିପଡ଼ା ଟିମ୍ ୨୦ଓଭରରେ ୪ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। କାହ୍ନୁ ଚରଣ ନାୟକ ଓ ବିଜୟ ସାହୁ ମ୍ୟାଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନବଜାତ ଶିଶୁପୁତ୍ରର ମୃତଦେହ ଜବତ

**ବୋଲଗଡ଼,୧୨।୧(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ରାଜସୁନାଖଳାସ୍ଥିତ ଏସ୍ଆର ପେଟ୍ରୋଲ ପମ୍ପ ପଛ ପୋଖରୀ ହୁଡ଼ାରୁ ମଙ୍ଗଳବାର ପୋଲିସ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମଙ୍ଗଳବାର ଭୋରରୁ କେତେଜଣ ମହିଳା ପୋଖରୀକୁ ଯାଇଥିଲେ। ପୋଖରୀ ହୁଡ଼ାରେ ଏକ ନବଜାତ ଶିଶପୁତ୍ର ପଡିଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବରପାଇ ସୁନାଖଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ନବଜାତ ଶିଶୁପୁତ୍ରକୁ କେହି ଏଠାକୁ ଆଣି ପକାଇ ପଳାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ୬୦ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଝାଁଳା/ଜଟଣୀ,୧୨।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଝାଁଳା ଫାଣ୍ଡି ଅଧୀନ ଗଙ୍ଗପଡ଼ା ପୁରୁଣା ଟୋଲ ଗେଟ୍ ନିକଟରୁ ମଙ୍ଗଳବାର ପୋଲିସ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୁରୁଜଙ୍ଗ ଅଞ୍ଚଳର ଜ୍ୟୋତିରଞ୍ଜନ ସ୍ୱାଇଁ। ତାଙ୍କ ନିକଟରୁ ୬୦ଗ୍ରାମ୍ ବ୍ରାଉନସୁଗାର ଓ ୩୫୦ଟଙ୍କା ଜବତ ହୋଇଛି। ସୂଚନା ମୁତାବକ, ଜ୍ୟୋତିରଞ୍ଜନ ଓ ତାଙ୍କ ସହଯୋଗୀ ଟୋଲ ଗେଟ୍ ନିକଟରେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଜଟଣୀ ଥାନା ପୋଲିସ ଓ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ କରି ଜ୍ୟୋତିରଞ୍ଜନଙ୍କୁ ଧରିଥିବା ବେଳେ ଅନ୍ୟତମ ସହଯୋଗୀ ଫେରାର ହୋଇଯାଇଥିଲା। ଥାନାରେ ମାମଲା(ନଂ.୨୭/୨୧)ରୁଜୁ ହୋଇଛି।

### ଯୁବଶକ୍ତି ହେଉଛି ରାଷ୍ଟ୍ରଶକ୍ତି

**ଖୋର୍ଦ୍ଧା ଅଫିସ,୧୨।୧:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଖୋର୍ଦ୍ଧା ନଗର ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୫୮ତମ ଜୟନ୍ତୀ ମଙ୍ଗଳବାର ସଂସ୍କୃତିଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୁବ ସାମାଜିକକର୍ମୀ ଆଶିଷ ରାଉତ ମୁଖ୍ୟ ଅତିଥି, ଜିଲା ସଂଯୋଜକ ଗୋପବନ୍ଧୁ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଯୁବଶକ୍ତି ହେଉଛି ରାଷ୍ଟ୍ରଶକ୍ତି, ସମୃଦ୍ଧ ରାଷ୍ଟ୍ର ନିର୍ମାଣରେ ଯୁବସମାଜର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ପରେ ଅନାଥ ଆଶ୍ରମରେ ରହୁଥିବା ପିଲା ଏବଂ ବୃଦ୍ଧାଶ୍ରମରେ ଫଳ ବିସ୍କୁଟ ବଣ୍ଟନ କରାଯାଇଥିଲା। ନଗର ସମ୍ପାଦକ ଲଳିତ ବଡଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ ସ୍ୱାଇଁ, ମାମାଲି ରାଉତ, ଅମିତ ବାରିକ, ଚନ୍ଦନ ପାଙ୍ଗଶାଣୀ, ଅମୂଲ୍ୟ ରତ୍ନ ବେହେରା, ଚିରଞ୍ଜୀବୀ ଜଗଦେବ, ବିନୀତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ୯୦ ଲିଟର ମଦ ଜବତ, ୭ ଗିରଫ

**ଖୋର୍ଦ୍ଧା ଅଫିସ,୧୨।୧:** ଖୋର୍ଦ୍ଧା ଅବକାରୀ ପୋଲିସ ପକ୍ଷରୁ ମଙ୍ଗଳବାର ଖୋର୍ଦ୍ଧା ଏବଂ ଜଟଣୀ ଅଞ୍ଚଳରେ ଚଢ଼ାଉ କରାଯାଇ ୯୦ ଲିଟର ଦେଶୀ ମଦ ଜବତ କରାଯିବା ସହ ୭ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୁଡୁମର ରାକେଶ ସାମନ୍ତସିଂହାର, ଗୁରୁଜଙ୍ଗର ବିଭୂତି ଭୂଷଣ ପାଙ୍ଗଶାଣୀ, ବେଗୁନିଆର ଗୁଆଲି ସାହୁ, ପାଇକ ଡିଗିରିଆର ଉମାକାନ୍ତ ରାଉତ, ବଘେଇର ଗୋପାଳ ନାୟକ ଏବଂ ଜଟଣୀ ଡିରୁମଲ୍ଲର ସଞ୍ଜୟ ରାଉତରାୟ ଓ କାଶ୍ୟପ ପ୍ରଧାନ। ଏମାନଙ୍କ ନିକଟରୁ ଗୋଟିଏ ବାଇକ ଜବତ ହୋଇଛି। ଚଢ଼ାଉରେ ଖୋର୍ଦ୍ଧା ରେଞ୍ଜର ଆଇ. ସମରଜିତ ଦାଶ, ଏସ୍ଆଇ ମନୋଜ କୁମାର, କୌଶଲ୍ୟ ଜେନା, ଏଏସ୍ଆଇ ଏ.କେ ଜେନା, ଏସ୍.କେ ନାୟକ, ରାଜେନ୍ଦ୍ର ଏକ୍କସା ପ୍ରମୁଖ ସାମିଲ ହୋଇଥିଲେ।

### ସ୍କୁଲ କର୍ମଚାରୀଙ୍କ ପରଲୋକ

**ଝାଁଳା,୧୨।୧(ଡି.ଏନ୍.ଏ.):** ଝାଁଳାସ୍ଥିତ ଗଙ୍ଗପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ନନ୍ଦକିଶୋର ରାଉତ(୫୭)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କ ଘର ବାଲକାଟୀ ବିଶୁନିଆପଡ଼ାରେ ବୋଲି ଜଣାପଡ଼ିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍କୁଲରେ ହଠାତ୍ ନନ୍ଦକିଶୋର ତଳେ ପଡିଯାଇଥିଲେ। ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ସ୍କୁଲକୁ ଅଣାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମଙ୍ଗରାଜ ଓ ଛାତ୍ରଛାତ୍ରୀମାନେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ତାଙ୍କ ମରଶରୀର ଗ୍ରାମକୁ ପଠାଯାଇଥିଲା।

# କୋଭିଡ୍ ଟିକାକୁ ସ୍ୱାସ୍ଥ୍ୟକର୍ମୀଙ୍କ ନା’

**ଖୋର୍ଦ୍ଧା ଅଫିସ,୧୨।୧**

- କ୍ୟାଡର ପୁନର୍ଗଠନ ଓ ପଦବୀ ପରିବର୍ତ୍ତନ ଦାବି
- ଡାକ୍ତର, ଷ୍ଟାଫନର୍ସଙ୍କୁ ପଦୋନ୍ନତି, ସ୍ୱାସ୍ଥ୍ୟକର୍ମୀଙ୍କୁ ଅଣଦେଖା

ରାଜ୍ୟରେ ଆସନ୍ତା ୧୬ ତାରିଖରୁ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ସ୍ୱତନ୍ତ୍ର ବିମାନ ଯୋଗେ ଟିକା ଭୁବନେଶ୍ୱରରେ ପହଞ୍ଚିଛି। ମଙ୍ଗଳବାର ମଧ୍ୟରାତ୍ରିରୁ ଟିକା ସମସ୍ତ ଜିଲାରେ ପହଞ୍ଚିବା ଲାଗି ଯୋଜନା ରହିଛି। ଖୋର୍ଦ୍ଧା ଜିଲାରେ ଟିକାକରଣ ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଦୁଇ ଥର ଡାଇ ରନ୍ ଟ୍ରାଏଲ କାର୍ଯ୍ୟକ୍ରମ ସରିଛି। କୋଭିଡ୍ ଯୋଦ୍ଧା ଭାବେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ପ୍ରଥମେ ଏହି ଟିକା ଦିଆଯିବ। ତେବେ ଜିଲାରେ ଟିକା ନେବାକୁ ମନା କରିଛନ୍ତି ଓଡ଼ିଶା ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ। ଏନେଇ ମଙ୍ଗଳବାର ସଂଘର ଏକାଧିକ କର୍ମୀ ସିଡିଏମଓ ବିଶ୍ୱରଞ୍ଜନ ପତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।


ସିଡିଏମ୍ଓ ବିଶ୍ୱରଞ୍ଜନ ପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଏଥିରେ ଉଲ୍ଲେଖ ରହିଛି ଯେ, ସ୍ୱାସ୍ଥ୍ୟକର୍ମୀଙ୍କ କ୍ୟାଡର ପୁନର୍ଗଠନ ଓ ପଦବୀ ପରିବର୍ତ୍ତନ ନେଇ ସରକାରଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ରାଜ୍ୟରେ କାର୍ଯ୍ୟରତ ୧୫ହଜାର ସ୍ୱାସ୍ଥ୍ୟକର୍ମୀ କରୋନା ଟିକା ନେବେ ନାହିଁ ବୋଲି ଦର୍ଶାଇଛନ୍ତି। ଏଥିରୁ ଖୋର୍ଦ୍ଧା ଜିଲାରେ ୬୫୦ ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି। ସୁସ୍ଥ ଓଡ଼ିଶା ଓ କରୋନା ମୁକ୍ତ ଓଡ଼ିଶା ଆହ୍ୱାନକୁ ସମ୍ମାନ ଜଣାଇ ସ୍ୱାସ୍ଥ୍ୟକର୍ମୀମାନେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ରାଜ୍ୟରେ ୧୫ହଜାର ସ୍ୱାସ୍ଥ୍ୟକର୍ମୀ, ଏଏନଏମ. ସ୍ୱାସ୍ଥ୍ୟ ପରିଦର୍ଶକ, ସ୍ୱାସ୍ଥ୍ୟ ପରିଦର୍ଶିକା ତୃଣମୂଳ ସ୍ତରରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଦିଗରେ କାର୍ଯ୍ୟ କରି ଆସୁଛନ୍ତି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି କରୋନା ସମୟରେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ସରକାର ଡାକ୍ତର, ଷ୍ଟାଫନର୍ସଙ୍କ ପଦବୀ ପରିବର୍ତ୍ତନ ସହ କ୍ୟାଡର ପୁନର୍ଗଠନ କରି ଚାକିରି କାଳରେ ୫ରୁ ୭ଟି ପଦୋନ୍ନତି ବ୍ୟବସ୍ଥା କରିଛନ୍ତି। ତେବେ ସ୍ୱାସ୍ଥ୍ୟକର୍ମୀଙ୍କ କଥା ଉଠିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଅଣଦେଖା କରୁଛନ୍ତି। ଦୀର୍ଘ ୧୦ବର୍ଷ ଧରି ୪ଟି ସଂଘ ମିଳିତ ଭାବେ ସ୍ୱାସ୍ଥ୍ୟ ବିଭାଗ ନିକଟରେ ବାରମ୍ବାର ଲିଖିତ ଦାବି ସତ୍ତ୍ୱେ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ମହାସଂଘର ଆବାହିକା ମମତା ନାୟକ, ଜ୍ୟୋତିର୍ମୟୀ ଚୌଧୁରୀ, ଅମିତା ସାହୁ, ଜ୍ୟୋତ୍ସ୍ନା ମହାନ୍ତି, କବିତା ବେହେରା, କବିତା ନାୟକ, ବିଷ୍ଣୁପ୍ରିୟା ପଣ୍ଡା, ହେମଲତା ଭୂୟାଁ, ମେନକା ପତିଙ୍କ ସମେତ ଅନେକ ଏଏନ୍ଏମ୍, ସ୍ୱାସ୍ଥ୍ୟକର୍ମୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

# ବାଲ୍ୟବିବାହ ରୋକିବା ଉପରେ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୨।୧**

## ଜିଲାରେ ବାଲ୍ୟବିବାହ ୧୮ ପ୍ରତିଶତ

ବାଲ୍ୟବିବାହ ଏକ ଅପରାଧ। ଏହାକୁ ରୋକିବା ଲାଗି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଖୋର୍ଦ୍ଧା ଜିଲାରେ ବାଲ୍ୟ ବିବାହ ୧୮ପ୍ରତିଶତ ରହିଛି। ୨୦୨୪ ସୁଦ୍ଧା ରାଜ୍ୟରେ ୧୦ପ୍ରତିଶତ କମାଇବା ଏବଂ ୨୦୩୦ ସୁଦ୍ଧା ବାଲ୍ୟବିବାହ ଶୂନ୍ୟ କରିବାକୁ ଲକ୍ଷ୍ୟ ରହିଛି ବୋଲି ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା କମିଟି ତଥା ଜିଲାସ୍ତରୀୟ ବାଲ୍ୟବିବାହ ନିଷେଧ ଟାସ୍କ ଫୋର୍ସ ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ଜିଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଲାଇ ଅଧ୍ୟକ୍ଷତା କରିଥିବା ବେଳେ ଜିଲାପାଳ ସନତ ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ରିସର୍ଚ୍ଚ ପର୍ସନ ଘାସିରାମ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଜିଲାପାଳ ଶିଶୁ ଶ୍ରମିକ, ଶିଶୁ ନିର୍ଯାତନା, ସୁରକ୍ଷା, ଶିକ୍ଷା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ବାଲ୍ୟବିବାହ ରୋକିବା ଲାଗି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଲାଗି ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଜିଲାରେ ଚାଲିଥିବା ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାରେ ୨ଟି ଶିଶୁ ମଙ୍ଗଳ କମିଟି, ୧୮ଟି ଶିଶୁ ଯତ୍ନ ଅନୁଷ୍ଠାନ ରହିଛି। ସେଥିରେ ୬୪୪ଜଣ ଶିଶୁ ଅଛନ୍ତି। ଜିଲାରେ ୨୨୬ଜଣ ଅସହାୟ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ପିଲାଙ୍କ ଥଇଥାନ, ଶିକ୍ଷା ବ୍ୟବସ୍ଥା, ଅସୁରକ୍ଷିତ ବଳୟରୁ ଉଦ୍ଧାର ସହ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବାକୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି ବୋଲି କହିଥିଲେ। ବୈଠକରେ ଶିଶୁ ଯତ୍ନ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ତଣ୍ଡାଳରେ ପକ୍ଷୀ ମଡ଼କ

**ବେଗୁନିଆ,୧୨।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ତଣ୍ଡାଳ ଗ୍ରାମରେ ମଙ୍ଗଳବାର କେତେକ ପକ୍ଷୀ ମରିପଡ଼ିଥିବା ଦେଖିବାକୁ ମିଳିଛି। ମୃତ ପକ୍ଷୀଙ୍କ ମଧ୍ୟରେ ୩ କାଉ ଓ ଗୋଟିଏ ବଗ ରହିଛି। ଖବରପାଇ ବ୍ଲକ ପ୍ରାଣୀ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପକ୍ଷୀଙ୍କଠାରେ ବାର୍ଡ-ଫ୍ଲୁର କୌଣସି ଲକ୍ଷଣ ନ ଥିବା ବେଳେ ବିଶାକ୍ତ ଖାଦ୍ୟ ପ୍ରକ୍ରିୟାରୁ ସେମାନଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଆଗାମୀ ଦିନରେ ପକ୍ଷୀ ମଡ଼କ ଦେଖାଦେଲେ ପରୀକ୍ଷା ପାଇଁ ପଠାଯିବ ବୋଲି ପ୍ରାଣୀ ବିଭାଗ ପକ୍ଷରୁ କୁହାଯାଇଛି। ମୃତ ପକ୍ଷୀଙ୍କୁ ପୋତି ଦିଆଯାଇଛି। ସୂଚନାଥାଉ କି, କିଛିଦିନ ପୂର୍ବେ ଏହି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବିରଞ୍ଚି ମହାନ୍ତିଙ୍କ ଶତାଧିକ କୁକୁଡ଼ାଙ୍କ ମୃତ୍ୟୁ ଘଟିଥିଲା। ବାର୍ଡ-ଫ୍ଲୁରେ କୁକୁଡ଼ାଙ୍କ ମୃତ୍ୟୁ ଘଟିଥିବା ନେଇ ଆଲୋଚନା ହେଉଥିଲା। ଆନିମଲ ଡିଜିଜ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍(ଏଡିଆରଆଇ)ରୁ ମିଳିଥିବା ରିପୋର୍ଟ ଅନୁଯାୟୀ କୁକୁଡ଼ାଙ୍କଠାରେ ବାର୍ଡ-ଫ୍ଲୁ ର କୌଣସି ଲକ୍ଷଣ ନ ଥିବା ଜଣାପଡ଼ିଥିଲା।

# ଫଟୋଗ୍ରାଫର୍ସ ଆସୋସିଏଶନ ବାର୍ଷିକ ଅଧିବେଶନ


ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ଫଟୋଗ୍ରାଫର୍ସ ଆସୋସିଏଶନ୍‌ର କର୍ମକର୍ତ୍ତା।

**ଖୋର୍ଦ୍ଧା ଅଫିସ,୧୨।୧**

ଖୋର୍ଦ୍ଧା ଫଟୋଗ୍ରାଫର୍ସ ଆସୋସିଏଶନ(କେପିଏ)ର ବାର୍ଷିକ ଅଧିବେଶନ ଓ ବନ୍ଧୁମିଳନ ସ୍ଥାନୀୟ ପୂର୍ତ୍ତ ଡାକ ବଙ୍ଗଳାଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସଭାରେ ସଂଘର ଆଗାମୀ କାର୍ଯ୍ୟକ୍ରମ, ସଂଘ ସହ ଜଡ଼ିତ ଥିବା ସମସ୍ତ ଫଟୋଗ୍ରାଫର୍ସଙ୍କ ଉନ୍ନତି ଉପରେ ଆଲୋଚନା କରାଯାଇଥିଲା। ସଂଘ ଆବାହକ ସନ୍ଦୀପ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଭାପତି ପ୍ରବୀର ବ୍ରହ୍ମା ସଭାପତିତ୍ୱ କରିଥିଲେ। ଉପସଭାପତି ସମରେନ୍ଦ୍ର ସାମନ୍ତରାୟ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଗଗନ ବିହାରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମହାପାତ୍ର ବାର୍ଷିକ ଆୟବ୍ୟୟ ହିସାବ ପାଠ କରିଥିଲେ। ଏହି ସଭାରେ ରାଜ ସୁନାଖଳା, ରଣପୁର, ଭୁଷଣ୍ଡପୁର, ନିରାକାରପୁର, ବେଗୁନିଆ, ବାଘମାରୀ, ସିମୋର, ଡାଲତୋଳା, ହଳଦିଆ, ବାଜପୁର, ଜଙ୍କିଆ, ଜଟଣୀ, ଭୁବନେଶ୍ୱର ଓ ଖୋର୍ଦ୍ଧାର ସମସ୍ତ ଫଟୋଗ୍ରାଫର ଯୋଗଦେଇ ଆସୋସିଏଶନ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଶପଥ ପାଠ କରିଥିଲେ। ଶେଷରେ ସହ ସମ୍ପାଦକ ସୁଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବରୁଣେଇ ପୀଠରେ ଚାରାରୋପଣ କରାଯାଇଥିଲା।

### ବାର୍ଷିକୋତ୍ସବ ପାଳନ ଲାଗି ବୈଠକ

**ଖୋର୍ଦ୍ଧା ଅଫିସ,୧୨।୧**

ଖୋର୍ଦ୍ଧା ଜିଲାର ସର୍ବ ପୁରାତନ ସ୍କୁଲ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲର ୧୨୫ତମ ବାର୍ଷିକ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରାତନ ଛାତ୍ର ସଂସଦ ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଅଧ୍ୟକ୍ଷତା କରିଥିଲେ। ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲିବା, ଭିତ୍ତିଭୂମିର ବିକାଶ, ଶୈକ୍ଷିକ ବାତାବରଣ ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନଶିକ୍ଷକ ଏସ୍‌କେ ଗୋହର ଅଲ୍ଲୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ସଂସଦ ପୂର୍ବତନ ସମ୍ପାଦକ ଗୋପାଳକୃଷ୍ଣ ଦାସ ଏହାର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଟିବିପି ପୂର୍ବତନ ଡିଆଇଜି ରାଜେନ୍ଦ୍ର ସାମନ୍ତରାୟ, ନରାୟଣ ରାଓ, ଦିଲୀପ ଦୋରା, ନରେନ୍ଦ୍ର କୁମାର ପୃଷ୍ଟି, ବିମଳ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାତିକରେ ୩ ଶୋ’ରୁମ୍‌ରୁ ଚୋରି

**ବାଲୁଗାଁ,୧୨।୧(ଡି.ଏନ୍.ଏ.)**

## ୨ ଲକ୍ଷ ଟଙ୍କା, ସାମଗ୍ରୀ ନେଇଗଲେ

ଖୋର୍ଦ୍ଧା ଜିଲା ବାଲୁଗାଁ ଓ ବାଣପୁର ଅଞ୍ଚଳରେ ଏକମାସ ହେବ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସୋମବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଦୁଇଟି ବାଇକ୍ ଶୋ’ରୁମ ଓ ଗୋଟିଏ ଫର୍ନିଚର ଶୋ’ରୁମରୁ ମୋଟ୍ ୨ଲକ୍ଷ ଟଙ୍କା ସହ ସାମଗ୍ରୀ ଚୋରି କରି ନେଇଛନ୍ତି। ମଙ୍ଗଳବାର ବାଲୁଗାଁ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ସୋମବାର ରାତିରେ ବାଲୁଗାଁ ବଜାରସ୍ଥିତ ମହାମାୟୀ ମୋଟର୍ସ ହିରୋ ବାଇକ୍ ଶୋ’ରୁମ୍‌ର ଶଟର ଭାଙ୍ଗି ଦୁର୍ବୃତ୍ତମାନେ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ସିସିଟିଭି ହାର୍ଡଡିସ୍କ ନେଇଯାଇଛନ୍ତି। ପରେ ଏକ ଫର୍ନିଚର ଶୋ’ରୁମ ଏବଂ ଆଉ ଏକ ବାଇକ୍ ଶୋ’ରୁମ ଶଟର ଭାଙ୍ଗି ଚୋରି ଉଦ୍ୟମ କରିଥିଲେ। ତେବେ ଫର୍ନିଚର ଦୋକାନରୁ କୌଣସି ସାମଗ୍ରୀ ଚୋରି ହୋଇ ନ ଥିବା ବେଳେ ବାଇକ ଶୋ’ରୁମ୍‌ର ବିଭିନ୍ନ ଯନ୍ତ୍ରାଂଶ ନେଇଯାଇଛନ୍ତି। ଖବରପାଇ ବାଲୁଗାଁ ଆଇଆଇସି ରମାକାନ୍ତ ମହାଲିକ ଏବଂ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ଡିପିଓ ବାରିକ କହିଛନ୍ତି ।

# ୧୮ ବର୍ଷରେ ଏଡ୍‌ସ ନେଲାଣି ୨୧୫ ଜୀବନ

**ଖୋର୍ଦ୍ଧା ଅଫିସ,୧୨।୧**

ଖୋର୍ଦ୍ଧା ଜିଲା ଏଡ୍‌ସ ନିୟନ୍ତ୍ରଣ କମିଟି ବୈଠକ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ଏଡ୍‌ସ ପରୀକ୍ଷା ବ୍ୟବସ୍ଥା ରହିଛି। ଚିହ୍ନଟ ରୋଗୀଙ୍କ ଚିକିତ୍ସା ଏବଂ ସାମାଜିକ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟକର୍ମୀଙ୍କୁ ଏଚ୍ଆଇଭି ପଜିଟିଭ୍ ଚିହ୍ନଟ ଏବଂ ସିଫିଲିସ ପରୀକ୍ଷା ଲାଗି ତାଲିମ ଏବଂ କିଟ୍ ଯୋଗାଇ ଦିଆଯିବ। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଉପକରଣ ଏବଂ ରେଫ୍ରିଜରେଟର ବ୍ୟବସ୍ଥା କରାଯାଇଛି। ଗ୍ରାମୀଣସ୍ତରରେ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପ୍ରତି ଗୁରୁତ୍ୱ


ବୈଠକରେ ଜିଲାପାଳ ସନତ ମହାନ୍ତି ଓ ଅନ୍ୟମାନେ।

## ସିଏଚ୍‌ସିରେ ରହିଛି ଏଡ୍‌ସ ପରୀକ୍ଷା ବ୍ୟବସ୍ଥା

ଦିଆଯାଉଛି ବୋଲି ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ପତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ସିଡିଏମ୍‌ଓ ଦ୍ୱାରିକାନାଥ ଶତପଥୀ, ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଶାନ୍ତ କୁମାର ଦାଶ, ସହକାରୀ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲାରେ ୨୦୦୨ରୁ ଅକ୍ଟୋବର ୨୦୨୦ ସୁଦ୍ଧା ଏଡ୍‌ସରେ ୨୧୫ଜଣଙ୍କ ମୃତ୍ୟୁ ହୋଇଛି। ୨୦୦୨ରୁ ୨୦୧୯ ୧୭ବର୍ଷରେ ୨୦୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ୧୫ଜଣଙ୍କ ମୃତ୍ୟୁ ଘଟିଥିବା ଜିଲା ମୁଖ୍ୟ ଚିକିତ୍ସାଳୟରୁ ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ଜିଲାର ୧୦ଟି ବ୍ଲକରେ ୧୭୭୬ ଏଡ୍‌ସ ରୋଗୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ବାଲିଅନ୍ତା ବ୍ଲକର ୨୧, ବାଲିପାଟଣା ୩୧, ବାଣପୁରରେ ୩୧, ବେଗୁନିଆରେ ୬୦, ଭୁବନେଶ୍ୱର ବ୍ଲକରେ ୧୦୫୨, ବୋଲଗଡ଼ରେ ୩୬, ଚିଲିକାରେ ୧୦୬, ଜଟଣୀ ୧୬୬, ଖୋର୍ଦ୍ଧାରେ ୧୭୨, ଟାଙ୍ଗୀର ୧୦୧ଜଣ ରହିଛନ୍ତି। ଜିଲାରେ ମୋଟ ୧୭୭୬ଜଣଙ୍କ ମଧ୍ୟରୁ ୧୬୩୦ଜଣ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସଞ୍ଜୟ


@ ଶମ୍ଭୁ


@ ଗଙ୍ଗା


@ ବିରଞ୍ଚି


@ ଆଲୋକ


@ ସମ୍ପିତ


@ ସଂଘମିତ୍ରା


@ ରାଜକିଶୋର

